بسم الله الرحمن الرحيم

**୨୩ ଜୁନ୍ ୨୦୨୩ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ ମୁବାରକ୍ ଇସ୍‌ଲାମାବାଦ୍, ଲଣ୍ଡନ୍**

ହଜରତ ମୁହମ୍ମଦ [ସ.ଅ]ଙ୍କର ବଦର ଯୁଦ୍ଧ ପାଇଁ ପ୍ରସ୍ତୁତିର ଚିତ୍ରଣ ଏବଂ ଉତ୍ସର୍ଗୀକୃତ ସହାବାମାନଙ୍କର ନିଜ ପ୍ରିୟ ମୁନିବଙ୍କ ଅତୁଳନୀୟ ଆଜ୍ଞାପାଳନର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍‌ହ୍‌ଦହୁ ଲାଶରିକା ଲହୁ ୱ୍‌ଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍‌ରସୁଲୁହୁ ଅମ୍ମା ବାଦ୍‌ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ୍ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱ୍‌ଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନୱ୍‌ର[ଅ.ବ] କହିଲେ; ଯେପରିକି ଗତ ଖୁତବାରେ ଏକଥା ଆଲୋଚନା ହୋଇଥିଲା ଯେ, ହଜରତ ମୁହମ୍ମଦ [ସ.ଅ]ଙ୍କ ପ୍ରେରିତ ଗୁପ୍ତଚରମାନେ ଏହି ସୂଚନା ଦେଲେ ଯେ ମକ୍କାର ଅମାନ୍ୟକାରୀମାନଙ୍କ ସେନା ନିଜ ବାଣିଜ୍ୟ ଦଳକୁ ରକ୍ଷା କରିବା ସକାଶେ ମାଡ଼ି ଆସୁଛନ୍ତି । ସେତେବେଳେ ହଜୁର[ସ.ଅ] ସାହାବାମାନଙ୍କୁ ପରିସ୍ଥିତି ସମ୍ପର୍କରେ ଅବଗତ କରାଇ ସେମାନଙ୍କ ମତାମତ ଲୋଡ଼ିଲେ ।

ହଜରତ ଅବୁବକର[ର.ଅ] ଓ ହଜରତ ଉମର [ର.ଅ]ଙ୍କ ପରେ ହଜରତ ମିକଦାଦ୍ ବିନ୍ ଉମରୋ[ର.ଅ] କହିଲେ; ଆମେ ସେପରି ଉତ୍ତର ଦେବୁ ନାହିଁ ଯେପରିକି ବନୀଇସ୍ରାଇଲ୍ ମୁସା [ଅ.ସ]ଙ୍କୁ ଦେଇଥିଲେ ।

ଯେ ଫଜ୍‌ହବ୍ ଅନ୍ତା ଓ ରବ୍‌ବୁକା ଫକାତିଲା ଇନ୍ନା ହାହୁନା କାଇଦୁନ୍ ଅର୍ଥାତ ଯାଅ ତୁମେ ଓ ତୁମ୍ଭ ପାଳନକର୍ତ୍ତା ଯାଇ ଲଢ଼, ଆମେମାନେ ତ ଏହିଠାରେ ବସି ରହିବୁ । ବରଂ ଆମେମାନେ ତ ଆପଣ [ସ.ଅ]ଙ୍କ ସାଥିରେ ଅଛୁ । ଆପଣ[ସ.ଅ] ଯାହା ନିଷ୍ପତ୍ତି ନେବେ ଆମେ ଆପଣ ସାଙ୍ଗରେ ଶତ୍ରୁର ମୁକାବିଲା କରିବୁ । ଆମେ ସେହି ପରାକ୍ରମୀ ପ୍ରଭୁଙ୍କ ଶପଥ କରି କହୁଛୁ ଯେ ଆପଣଙ୍କୁ ସତ୍ୟତାର ସହିତ ଅବତୀର୍ଣ୍ଣ କରିଛନ୍ତି । **ଯଦି ଆପଣ ଆମମାନଙ୍କୁ ବରକୁଲ୍ ଗୁମାଦ୍ (ସ୍ଥାନର ନାମ) ପର୍ଯ୍ୟନ୍ତ ଘେନି ନିଅନ୍ତି ତେବେ ସୁଦ୍ଧା ଆମେ ଆପଣ ସାଥିରେ ଚାଲିଯିବୁ ।** ଏହି ଉତ୍ତର ଶୁଣିବା ପରେ ହଜୁର[ସ.ଅ] ସେମାନଙ୍କ ମଙ୍ଗଳ କାମନା କରି ଦୁଆ କଲେ ।

ଜଣେ ଲେଖକ ଲେଖିଛନ୍ତି ଯେ, ମକ୍କାର ଦକ୍ଷିଣ ଦିଗକୁ ପାଖାପାଖି ୪୩୦କି.ମି ଦୂରତାରେ ସାଧାରଣ ମରୁ ଅଂଚଳରୁ ପୃଥକ ଏକ ସ୍ଥାନ ବରକୁଲ୍ ଗୁମାଦ୍ ଅବସ୍ଥିତ ଥିଲା । ଯାହାକି ନିଜ ଯାତ୍ରାର ଦୀର୍ଘତା ଓ ପୀଡ଼ା ପାଇଁ ଲୋକକଥା ରୂପେ ବ୍ୟବହାର କରାଯାଉଥିଲା । ଯାହାର ତାତ୍ପର୍ଯ୍ୟ ଏହା ଥିଲା କି ଆପଣ ଯେଭଳି ଦୀର୍ଘ ଯାତ୍ରା କରିନିଅନ୍ତୁ ଆମେ ଆପଣ [ସ.ଅ]ଙ୍କ ସାଥିରେ ଅଛୁ ।

ହଜରତ ଅବୁବକର[ର.ଅ] ଓ ହଜରତ ଉମର [ର.ଅ]ଙ୍କ ପରେ ହଜରତ ମିକଦାଦ୍[ର.ଅ] ସଭିଏଁ ପ୍ରବାସକାରୀ ସାହାବା ଥିଲେ । ଏଥିସକାଶେ ହଜୁର [ସ.ଅ]ଙ୍କର ଅଭିଳାଷ ଥିଲା ଯେ, ଅନସାର୍‌ମାନେ ମଧ୍ୟ କିଛି ପରାମର୍ଶ ଦିଅନ୍ତୁ ।

ହଜରତ ସାଦ୍ ବିନ୍ ମାଜ୍[ର.ଅ] କହିଲେ; ଆମେ ଆପଣଙ୍କ ଉପରେ ବିଶ୍ୱାସ ଆଣି ନେଇଛୁ ଏବଂ ଆପଣଙ୍କ ଧର୍ମର ସାକ୍ଷ୍ୟ ଦେଉଛୁ ତଥା ଆମେ ଆପଣଙ୍କ ଆଦେଶ ଶୁଣିବା ଓ ତାହାର ପାଳନ କରିବାର ପ୍ରତିଜ୍ଞା କରିଛୁ । ଅତଃ

ଆପଣ[ସ.ଅ] ଆମମାନଙ୍କୁ ଯୁଆଡ଼େ ନେଇଯିବେ ଆମେ ଯିବା ପାଇଁ ପ୍ରସ୍ତୁତ ଅଛୁ ।

ସୁତରାଂ ଅଲ୍ଲାଃଙ୍କ ଆଶିଷର ଅଧିକାରୀ ହେବା ସକାଶେ ଆପଣ ଆମମାନଙ୍କୁ ନିଜ ସାଥିରେ ଘେନି ନିଅନ୍ତୁ । ସେ ଯାହା ହେଉ ହଜରତ ସାଦ୍ [ର.ଅ]ଙ୍କର ଏହି ଉତ୍ସର୍ଗ ମୂଳକ କଥନ ଶୁଣି ହଜରତ ମୁହମ୍ମଦ[ସ.ଅ] ବେଶ୍ ପ୍ରସନ୍ନିତ ହେଲେ ଏବଂ କହିଲେ;

ଅଲ୍ଲାଃତାଲା ମୋତେ ଦୁଇଟି ଦଳ (ସିରିୟା ଅଭିମୁଖେ ବଣିକଦଳ ଅଥବା ମକ୍କାର ଅମାନ୍ୟକାରୀ ସୈନ୍ୟଦଳ) ମଧ୍ୟରୁ ଗୋଟିଏ ଉପରେ ବିଜୟ ପ୍ରଦାନ କରିବାର ପ୍ରତିଶୃତି ଦେଇଛନ୍ତି । ମୁଁ ସେହି ସ୍ଥାନ ଦେଖୁଅଛି ଯେଉଁସ୍ଥଳେ ଶତ୍ରୁ ନିହତ ହୋଇ ଟଳି ପଡ଼ିବ ।

ସାହାବାମାନେ ପ୍ରଶ୍ନ କଲେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଯଦି ଆପଣଙ୍କୁ ପୂର୍ବରୁ ହିଁ ଅମାନ୍ୟକାରୀ ସୈନ୍ୟଦଳ ଆଗମନର ଖବର ଜଣା ଥିଲା ତେବେ ଆପଣ ଆମକୁ ମଦିନାରେ ହିଁ କାହିଁକି ଯୁଦ୍ଧ ହେବା ସଂକ୍ରାନ୍ତରେ ସୂଚିତ କଲେ ନାହିଁ । ଯଦ୍ୱାରା ଆମେ ସେଥିପାଇଁ ପୂର୍ଣ୍ଣ ପ୍ରସ୍ତୁତ ହୋଇ ବାହାରି ଥାନ୍ତୁ । କିନ୍ତୁ ଏହି ସୂଚନା ମିଳିବା ସତ୍ୱେ ଏବଂ ହଜରତ ମୁହମ୍ମଦ [ସ.ଅ]ଙ୍କର ଏହି ସୁସମାଚାର ପ୍ରଦାନ କରିବା କି ଦୁଇଟି ଦଳ ମଧ୍ୟରୁ ଗୋଟିଏ ଉପରେ ପରମେଶ୍ୱର ଆମକୁ ବିଜୟ ମଣ୍ଡିତ କରିବେ । ଏପର୍ଯ୍ୟନ୍ତ ସୁଦ୍ଧା ମୁସଲମାନମାନଙ୍କୁ ସଠିକ୍ ରୂପେ ଜ୍ଞାତ ନଥିଲା ଯେ ସେମାନଙ୍କର ମୁକାବିଲା କେଉଁ ଦଳ ସହିତ ହେବ । ସେମାନେ ଚିନ୍ତା କରୁଥିଲେ ଯେ, ଯେକୌଣସି ଗୋଟିଏ ଦଳ ସହିତ ନିଶ୍ଚିତ ଆମର ମୁହାଁମୁହିଁ ହେବ ଏବଂ ସ୍ୱଭାବ ଦୃଷ୍ଟିରୁ ସେମାନେ ଦୁର୍ବଳ ଦଳ ସହିତ ମୁହାଁମୁହିଁ ହେବାର ଆଶାବାଦୀ ଥିଲେ ।

ହଜରତ ମୁସଲେହ ମଉଦ[ର.ଅ] ଏଥିସଂକ୍ରାନ୍ତରେ କୁହନ୍ତି; ବଦର କ୍ଷେତ୍ରରେ ହଜୁର[ସ.ଅ] ଅନ୍‌ସାରମାନଙ୍କ ପରାମର୍ଶର ଅଭିଳାଷି ଥିଲେ । ଅନ୍‌ସାରଙ୍କ ମନରେ ଏହି କଥା ଥିଲା ଯେ ଆମ ପ୍ରତିପକ୍ଷ ଶତ୍ରୁ ମକ୍କାବାସୀ ଅଟନ୍ତି । ଯଦି ଏହି ପରିସ୍ଥିତିରେ ଆମେମାନେ କୌଣସି ପରାମର୍ଶ ଦେଉ ତେବେ ପ୍ରବାସକାରୀ ମଣିବେ ଯେ ଏମାନେ ତ ଆମ ଭାଇ ଓ ବନ୍ଧୁବାନ୍ଧବଙ୍କ ସହିତ ଲଢ଼ିବା ପାଇଁ ଆମକୁ ଉସୁକାଉଛନ୍ତି । କିନ୍ତୁ ହଜୁର [ସ.ଅ]ଙ୍କର ଅନ୍‌ସାରମାନଙ୍କୁ ବାରମ୍ବାର ପରାମର୍ଶ ମାଗିବା ଫଳରେ ଶେଷରେ ଦ୍ୱନ୍ଦରେ ଅନ୍‌ସାରମାନେ ମତ ପ୍ରକାଶ କଲେ ଯେ, ଆମେ ପ୍ରତ୍ୟେକ ପରିସ୍ଥିତିରେ ଆପଣଙ୍କ ସାଥିରେ ଅଛୁ । ଅନ୍‌ସାରମାନଙ୍କ ଠାରୁ ଏହି ମନ୍ତବ୍ୟ ଶୁଣିବା ପରେ ହଜୁର[ସ.ଅ] ସେଠାରୁ ଆଗକୁ ଅଗ୍ରସର ହେଲେ ଏବଂ ବଦର କ୍ଷେତ୍ରରେ ଏବଂ ଜଣେ ବୃଦ୍ଧବ୍ୟକ୍ତି ନିକଟରେ ଅଟକି ଗଲେ ଏବଂ କୁରୈଶ ସମ୍ବନ୍ଧରେ ପଚାରିଲେ । ବୃଦ୍ଧବ୍ୟକ୍ତି ଜଣକ ଉତ୍ତର ଦେଲେ ମୋତେ ସୂଚନା ପ୍ରାପ୍ତ ହୋଇଛି ଯେ, ହଜରତ ମୁହମ୍ମଦ[ସ.ଅ] ଓ ଆପଣଙ୍କ ଅନୁଚରମାନେ ଅମକ ଦିନ ମଦିନାରୁ ପ୍ରସ୍ଥାନ କରି ସାରିଛନ୍ତି । ଯଦି ଏକଥା ସତ ତେବେ ବର୍ତ୍ତମାନ ସେମାନେ ଏହି ସ୍ଥାନରେ ପହଂଚି ଯିବା ଉଚିତ୍ । ମୋତେ ଏହି ଖବର ମଧ ମିଳିଛି ଯେ କୁରୈଶ ଅମକ ଦିନ ମକ୍କାରୁ ବାହାରିଛନ୍ତି । ଆଉ ଯଦି ଏକଥା ସତ ତେବେ ସେମାନେ ଅମକ ସ୍ଥାନରେ ପହଂଚି ଯାଇଥିବେ । ସେଥିଅନ୍ତେ ବୃଦ୍ଧବ୍ୟକ୍ତି ଜଣକ ପ୍ରଶ୍ନ କଲେ ଆପଣମାନେ କିଏ ? ତାହାର ଉତ୍ତର ହଜୁର[ସ.ଅ] ଅତି ଚତୁରତାର ସହିତ ଦେଲେ କି ଆମେମାନେ ଜଳମୟ ଅଂଚଳର । ସମ୍ଭବତଃ ଏହାର ତାତ୍ପର୍ଯ୍ୟ ବଦରର ନିର୍ଝର ଅଂଚଳ ଥିଲା । ତେବେ ଅଲ୍ଲାଃ ହିଁ ସର୍ବଜ୍ଞ ଓ ତତ୍ତ୍ୱଜ୍ଞ ।

ସେଠାରୁ ପ୍ରତ୍ୟାବର୍ତ୍ତନ କରିବା ପରେ ସନ୍ଧ୍ୟା ସମୟରେ ହଜୁର[ସ.ଅ] ହଜରତ ଅଲୀ[ର.ଅ], ହଜରତ ଜୁବେର ବିନ୍ ଅଓାମ୍[ର.ଅ] ଓ ହଜରତ ସାଦ୍ ବିନ୍ ଅବି ଓ୍ୱକାସ୍ [ର.ଅ]ଙ୍କୁ କିଛି ସହାବାଙ୍କ ସହିତ ବଦରର ନିର୍ଝର ନିକଟକୁ ପ୍ରେରଣ କଲେ । ଯଦ୍ୱାରା ସେମାନେ ଶତ୍ରୁର ଗତିବିଧି ସମ୍ପର୍କରେ ଅଧିକ କିଛି ଖବର ନେଇ ଆସିବେ । ସେମାନେ ଦୁଇଜଣ ବ୍ୟକ୍ତିଙ୍କୁ ଧରି ଆଣିଲେ ଯେ ଖବର ଦେଲେ କି କୁରୈଶ ଆମକୁ ଜଳ ଆଣିବାକୁ ପଠାଇ ଥିଲେ । ହଜୁର[ସ.ଅ] ତାଙ୍କୁ ପ୍ରଶ୍ନ କରିବାରୁ ସେ କହିଲେ, ସଂଖ୍ୟାଧିକ କୁରୈଶ ଏହି ପର୍ବତର ବିପରୀତ ପାର୍ଶ୍ୱରେ ଓହ୍ଲାଇଛନ୍ତି ଏବଂ ସେମାନେ

କେଉଁଦିନ ୯ଟି ତ କେଉଁଦିନ ଦଶଟି ଓଟ ଜେବଃ କରୁଛନ୍ତି । ଏଥିରେ ଆକଳନ କରି ହଜୁର[ସ.ଅ] କହିଲେ; ସମ୍ଭବତଃ ସେମାନେ ୯୦୦ ଅବା ୧୦୦୦ସଂଖ୍ୟକ ଅଛନ୍ତି । ସେଥିଅନ୍ତେ ସେଦୁହେଁ କୁରୈଶର ଅନେକ ସରଦାରଙ୍କ ନାମ ନେଲେ ଯେ ଉକ୍ତ ସୈନ୍ୟ ଦଳରେ ସାମିଲ୍ ଥିଲେ । ପୁନଶ୍ଚ ହଜୁର[ସ.ଅ] କହିଲେ, ମକ୍କାବାସୀ ତୁମ ସମ୍ମୁଖରେ ନିଜ କଳିଜା କାଢ଼ି ରଖି ଦେଇଛନ୍ତି । ଏହା ଅତି ବୁଦ୍ଧିମାନ ଓ ଚତୁର ପୂର୍ଣ୍ଣ ଉକ୍ତି ଥିଲା । ଯାହାକି ଆପଣାଛାଏଁ ହଜୁର [ସ.ଅ]ଙ୍କ ମୁଖରୁ ନିଶୃତ ହୋଥିଲା । ଯଦ୍ୱାରା ସାହାବାଙ୍କ ହୃଦୟ ମଜବୁତ୍ ହୋଇଯାଇଥିଲା କି ସୁନିଶ୍ଚିତ ରୂପେ ପ୍ରଭୁ ଆମକୁ ବିଜୟ ମଣ୍ଡିତ କରିବେ ।

ଏହି ଅବସରରେ ହଜରତ ହବାବ୍ ବିନ୍ ମୁନଜିର୍[ର.ଅ] କହିଲେ; ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଆପଣ ପ୍ରଭୁଙ୍କ ଆଦେଶକ୍ରମେ ଏହିସ୍ଥଳେ ଶିବିର ସ୍ଥାପନ କରିଛନ୍ତି । ଅବା ଏହା ଆପଣଙ୍କ ଯୋଜନା ଅବା ଯୁଦ୍ଧ ରଣନୀତି ?

ହଜୁର[ସ.ଅ] ଉତ୍ତର ଦେଲେ, ଏହା ଯୁଦ୍ଧ ରଣନୀତି ଅଟେ । ସେ ପୁନଶ୍ଚ କହିଲେ, ଏହି ସ୍ଥାନ ଯୁଦ୍ଧ କରିବା ଉପଯୋଗୀ ନୁହେଁ । ବରଂ ଶତ୍ରୁ ପକ୍ଷରେ ଥିବା ନିର୍ଝର ନିକଟରେ ଅବସ୍ଥାନ କରିବା ଶ୍ରେୟସ୍କର । ସମସ୍ତ କୂପ ପୋତି ନିଜ ପାଇଁ କେବଳ ଗୋଟିଏ ଜଳସ୍ରୋତ ବାକି ରଖିବା ଉଚିତ୍ । ଯାହାକି ଆମମାନଙ୍କ ପାଇଁ ପର୍ଯ୍ୟାପ୍ତ ହେବ ଏବଂ ଶତ୍ରୁକୁ ପାନୀୟ ଉପଲବ୍ଧ ହେବ ନାହିଁ । ଏହି ମନ୍ତବ୍ୟକୁ ହଜୁର[ସ.ଅ] ପସନ୍ଦ କଲେ ଏବଂ ମୁସଲମାନମାନେ ନିଜ ପ୍ରତିଦ୍ୱନ୍ଦୀର ନିକଟସ୍ଥ କୂପରେ ଶିବିର ଲଗାଇ ବାକିତକ କୂପକୁ ପୋତି ଦେଲେ । ଅଓସ୍ କବିଲାର ପ୍ରମୁଖ ହଜରତ ସାଦ୍ ବିନ୍ ମାଜ୍ [ର.ଅ]ଙ୍କ ପରାମର୍ଶକ୍ରମେ ରଣକ୍ଷେତ୍ରର ଏକ ପ୍ରାନ୍ତରେ ହଜୁର [ସ.ଅ]ଙ୍କ ପାଇଁ ଏକ ଶିବିର ପ୍ରସ୍ତୁତ କରାଗଲା ଏବଂ ସେହିଠାରେ ଆପଣ [ସ.ଅ]ଙ୍କ ବାହନକୁ ମଧ୍ୟ ବାନ୍ଧି ଦିଆଗଲା । ତା'ପରେ ସେ ନିବେଦନ କଲେ ହଜୁର ଆପଣ ଏଠାରେ ଆରାମ କରନ୍ତୁ । ଆମେମାନେ ଶତ୍ରୁର ମୁକାବିଲା କରିବୁ । ଯଦି ଆମେ ପରାଜିତ ହେଲୁ ତେବେ ଆପଣ ଏହି ବାହନ ମାଧ୍ୟମରେ ମଦିନା ଚାଲିଯିବେ ସେଠାରେ ଆମ ଭାଇବନ୍ଧୁ ଆପଣଙ୍କର ସୁରକ୍ଷା କରିବେ ।

ଏଥିସଂକ୍ରାନ୍ତରେ ହଜରତ ମୁସଲେହ ମଉଦ[ର.ଅ] କୁହନ୍ତି; ଯେତେବେଳେ ସାହାବାଗଣ ବଦର କ୍ଷେତ୍ରରେ ପହଂଚିଲେ ସେତେବେଳେ ସେମାନେ ପରସ୍ପର ସହିତ ପରାମର୍ଶ କରି ଏକ ଉଚ୍ଚ ସ୍ଥାନରେ ଶିବିର ଲଗାଇ ହଜୁର [ସ.ଅ]ଙ୍କୁ ଆମନ୍ତ୍ରିତ କଲେ ଏବଂ ସବୁଠାରୁ ତୀବ୍ର ବେଗରେ ଦୌଡୁଥିବା ଓଟକୁ ସେଠାରେ ବାନ୍ଧି କହିଲେ;

ଆମମାନଙ୍କ ତୁଳନାରେ ଶତ୍ରୁର ସଂଖ୍ୟା ଢ଼େର ଅଧିକ । ଆମକୁ ନିଜ ମୃତ୍ୟୁର କୌଣସି ପରିତାପ ନାହିଁ, ଆମକୁ କେବଳ ଆପଣଙ୍କ ଚିନ୍ତା ଘାରୁଛି । ଯଦି ଏଠାରେ ଆମର କାଳ ହେଲା ତେବେ ଇସଲାମର କୌଣସି କ୍ଷତି ହେବ ନାହିଁ । କିନ୍ତୁ ଆପଣଙ୍କ ସହିତ ଇସଲାମର ଉନ୍ନତି ଓ ବିକାଶ ଜଡ଼ିତ । ସୁତରାଂ ଏହା ଜରୁରୀ ଯେ ଆମେମାନେ ଆପଣଙ୍କ ସୁରକ୍ଷାର ସମସ୍ତ ପ୍ରକାର ଉଚିତ୍ ପଦକ୍ଷେପ ଗ୍ରହଣ କରିବୁ । ପ୍ରଭୁ ନକରନ୍ତୁ ଯଦି ଆମେମାନେ ଜଣେ ଜଣେ କରି ଶହିଦ୍ ହୋଇଯାଉ ତେବେ ଆପଣ ଏହି ଓଟରେ ଆରୋହଣ କରି ମଦିନା ଚାଲିଯିବେ ସେଠାରେ ଆମ ଭାଇବନ୍ଧୁ ଆପଣଙ୍କର ସୁରକ୍ଷା କରିବେ ।

ସେ ଯାହା ହେଉ ହଜୁର[ସ.ଅ] ସେମାନଙ୍କ ଅନୁରୋଧ ରକ୍ଷା କରନ୍ତୁ ଅବା ନକରନ୍ତୁ କିନ୍ତୁ ଏହା ସାହାବାମାନଙ୍କର ଏକ ବିନୀତ ଅନୁରୋଧ ପୂର୍ଣ୍ଣ ଭାବବେଗ ଥିଲା ।

ହଜରତ ମୁସଲେହ ମଉଦ[ର.ଅ] କୁହନ୍ତି; ଏକଦା ହଜରତ ଅଲୀ[ର.ଅ] କହିଲେ, ସାହାବାମାନଙ୍କ ମଧ୍ୟରେ ମହାନ ବୀର ଓ ସାହସି ହଜରତ ଅବୁବକର[ର.ଅ] ଥିଲେ ।

ବଦର ରଣକ୍ଷେତ୍ରରେ ହଜୁର [ସ.ଅ]ଙ୍କ ପାଇଁ ଏକ ଅଲଗା ଚଉରା ପ୍ରସ୍ତୁତ କରାଯାଇଥିଲା । ହଜରତ ଅବୁବକର[ର.ଅ] ସଙ୍ଗେସଙ୍ଗେ ସେଠାରେ ନିଜ ଯୁଦ୍ଧ ଖଡ଼ଗ୍ ନେଇ ଛିଡ଼ା ହୋଇଗଲେ ଏବଂ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ହଜୁର [ସ.ଅ]ଙ୍କ ପ୍ରତିରକ୍ଷା ଉଦ୍ଦେଶ୍ୟରେ ଏହି ବିଶେଷ ଦାୟିତ୍ୱ ସମ୍ପାଦନ କରିଥିଲେ ।

ପ୍ରଭାତରେ କୁରେଶ ଯେତେବେଳେ ସମ୍ମୁଖାଗାମୀ ହେଲେ ସେତେବେଳେ ହଜୁର[ସ.ଅ] ଦୁଆ କଲେ ହେ ପ୍ରଭୁ ! ତୁମ୍ଭେ ଆମ ପ୍ରତି ଯେଉଁ ସାହାଯ୍ୟ ସହଯୋଗ କରିବାର ଅଙ୍ଗୀକାର କରିଛ । ତାହା ପୂରଣ କର ଏବଂ ଆଜି ହିଁ ଅମାନ୍ୟକାରୀଙ୍କର ନିପାତ କରିଦିଅ ।

ଯେତେବେଳେ କୁରୈଶ ବଦର ରଣକ୍ଷେତ୍ରରେ ଅବତରଣ କଲେ ସେତେବେଳେ ସେମାନଙ୍କ ମଧ୍ୟରୁ ଗୋଟିଏ ଦଳ ହଜୁର [ସ.ଅ]ଙ୍କ ଜଳାଶ୍ରୟ ମଧ୍ୟରୁ ଜଳପାନ କଲେ । ସେମାନଙ୍କ ମଧ୍ୟରେ ହକିମ୍ ବିନ୍ ହଜମ୍ ମଧ୍ୟ ସାମିଲ ଥିଲେ । ସେହି ଦିନ ସେହି ଜଳାଶ୍ରୟରୁ ଯେ ଜଳପାନ କରିଥିଲା, ସେ ନିହତ ହୋଇଥିଲା । କେବଳ ହକିମ୍ ବିନ୍ ହଜମ୍ଙ୍କ ବ୍ୟତୀତ ଯେ ପରବର୍ତ୍ତୀ ସମୟରେ ମୁସଲମାନ ହୋଇଯାଇଥିଲେ । କୁରେଶର ଆଗମନ ପୂର୍ବରୁ ହଜୁର[ସ.ଅ] ସାହାବାଙ୍କର ଧାଡ଼ି ସଜ୍ୟା କରିଥିଲେ । ହଜୁର[ସ.ଅ] ତୀର ମାଧ୍ୟମରେ ଇଙ୍ଗିତ କରୁଥିଲେ । ହଜରତ ମୁସୈବ୍ ବିନ୍ ଉମେର୍ [ର.ଅ]ଙ୍କୁ ଇସଲାମୀୟ ଧ୍ୱଜା ପ୍ରଦାନ କରାଯାଇଥିଲା । ଧାଡ଼ିର ନିରିକ୍ଷଣ କରିବା ସମୟରେ ଯେତେବେଳେ ହଜୁର[ସ.ଅ] ସୌଦା ବିନ୍ ଗଜିୟା [ର.ଅ]ଙ୍କ ନିକଟରୁ ଅତିକ୍ରମ କଲେ ସେତେବେଳେ ସେ ଧାଡ଼ିରୁ ବାହାରେ ରହିଥିଲେ, ହଜୁର[ସ.ଅ] ତାଙ୍କ ପେଟରେ ତୀର ଲଗାଇ କହିଲେ; ଧାଡ଼ିରେ ସଳଖ ଛିଡ଼ା ହୁଅ । ସୌଦା ଉତ୍ତର ଦେଲେ, ଆପଣ ମୋତେ କଷ୍ଟ ଦେଇଛନ୍ତି, ମୁଁ ଆପଣଙ୍କ ଠାରୁ ପ୍ରତିଶୋଧ ନେବି । ଏଥିରେ ହଜୁର[ସ.ଅ] ନିଜ ପବିତ୍ର ପେଟ ଉପରୁ ବସ୍ତ୍ର ଉଠାଇ କହିଲେ, ତୁମେ ପ୍ରତିଶୋଧ ନେଇପାର ।

ବସ୍ତୁତଃ ସୌଦା ଆପଣଙ୍କୁ ଆଲିଙ୍ଗନ କରିନେଲେ ଏବଂ ଆପଣଙ୍କ ପବିତ୍ର ଶରୀରକୁ ଚୁମ୍ବନ କରିବାକୁ ଲାଗିଲେ । ସେଥିଅନ୍ତେ କହିଲେ, ମୁଁ ଚିନ୍ତା କଲି କି ମୋ ଜୀବନର ଏଇଶେଷ କିଛିକ୍ଷଣ ମୁଁ ଆପଣଙ୍କ ସାଥିରେ ଏପରି (ପ୍ରୀତିଭାବ ସହିତ) ଅତିବାହିତ କରିନିଏ ଅର୍ଥାତ ମୋ ଶରୀର ଆପଣଙ୍କ ପବିତ୍ର ଶରୀର ସହିତ ସଲଗ୍ନିତ ହୋଇଯାଉ ।

ହଜୁର[ସ.ଅ] ତାଙ୍କ ପାଇଁ ଦୁଆ କଲେ । ଏପରି ଥିଲା ପ୍ରେମ ଓ ପ୍ରୀତିଭାବର ଦୃଶ୍ୟ । ବାକି ଘଟଣାବଳୀ ଇନ୍‌ଶାଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା କରିବି ।

ଖୁତ୍‌ବା ସାନିୟା ପୂର୍ବରୁ ହଜୁର ଅନଓ୍ୱର[ଅ.ବ] କିଛି ମୃତକଙ୍କ ଉତ୍ତମ ଚରିତ୍ର ଚର୍ଚ୍ଚା କଲେ । ଶ୍ରୀମାନ କାରୀ ମୁହମ୍ମଦ ଆଶିକ୍ ସାହେବ ଜାମିୟା ଅହେମଦୀୟା ରବଓାର ପୂର୍ବତନ ଶିକ୍ଷକ ତଥା ପ୍ରଧାନ ଶିକ୍ଷକ, ମଦରସା ହିଫ୍‌ଜର ତତ୍ତ୍ୱାବଧାରକ । ଦ୍ୱିତୀୟ ଜନାଯାଃ ସାଉଦୀ ଆରବର କାରାଗାରରେ ଦେହତ୍ୟାଗ କରିଥିବା ଶ୍ରୀମାନ ନୁରୁଦ୍ଦିନ୍ ହୁସ୍‌ନୀ ସାହେବ ସିରିୟା ନିବାସୀଙ୍କର ଅଟେ । ପ୍ରିୟ ହଜୁର ଅନଓ୍ୱର[ଅ.ବ] ଉଭୟ ମୃତକଙ୍କ ଜମାଅତୀୟ ସେବାର ବିସ୍ତୃତ ବ୍ୟାଖ୍ୟା କରି ସେମାନଙ୍କ ଜନାଯାଃ ଗାଏବ୍ ପାଠ କରିବାର ଘୋଷଣା କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

23rd June 2023